# Akashvani, Sambalpur

## SAMBALPURI NEWS BULLETIN

### 16 October 2024- 6.47- 6.52 am.

******************************************

ମୁଖ୍ୟମନ୍ତ୍ରୀ ହରିଆଣା ଗସ୍ତ            ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ହରିଆଣା ଆର୍ ମୁମ୍ବାଇ ଗସ୍ତ୍‌ଥି ଯାଉଛନ୍ । ସେ ଆଏବା କାଏଲ୍ ଚଣ୍ଡିଗଡ଼୍ ଠାନେ ହରିଆଣା ସର୍‌କାର୍‌ଙ୍କର୍ ଶପଥ୍ ଗ୍ରହଣ୍ ଉତ୍ସବ୍ ଆଉ ଏନ୍‌ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେବେ । ୧୮ ତାରିଖ୍ ଦିନ ମୁମ୍ବାଇ ଠାନେ ଇଣ୍ଡିଆ କେମିକାଲ୍ସ କ୍ଷେତ୍ର ନ ସମ୍ଭାବନା ବାବ୍‌ଦର୍ ଗୁଟେ ସମ୍ମିଳନୀଥି ଯୋଗ୍ ଦେବେ । ହେନ୍ତା ଆଏବା ୧୯ ତାରିଖ୍ ଦିନ ସଖାଲେ ସେ ମୁମ୍ବାଇ ଠାନେ ମେକ୍ ଇନ୍ ଓଡ଼ିଶା ଲାଗି ନିବେଶକ ସମ୍ମିଳନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ଥିବାର୍ ଜନାପଡ଼ିଛେ ।

ରାଷ୍ଟ୍ରପତି - ଓଡ଼ିଶା ଗସ୍ତ        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୩ ତାରିଖ୍ ଦିନ ୩ ଦିନିଆ  ଓଡ଼ିଶା ଗସ୍ତଥି ଆସ୍‌ବେ । ଇ ଗସ୍ତ ସମିଆଥି ପହେଲା ଦିନ ସେ ମୟୁର୍‌ଭଞ୍ଜ୍ ନ ୬ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ କର୍‌ବେ । ଇଥି ବାଦାମ୍‌ପାହାଡ଼୍-କେନ୍ଦୁଝର୍‌ଗଡ଼୍, ବାଙ୍ଗିରପୋଷି-ଗୋରୁମହିଷିଆଣି ଆର୍ ବୁଡ଼ାମରା- ଚାକୁଳିଆ ରେଲ୍‌ଲାଇନ୍‌ର ଶିଳାନ୍ୟାସ୍ କର୍‌ବେ । ତାର୍ ଆରଦିନ ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ନ ୨ ଟା କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବେ । ୨୫ ତାରିଖ୍ ଦିନ ସଖାଲେ ନୀଳାଦ୍ରୀ ବିହାର୍ ଠାନେ ପ୍ରତିମୂର୍ତି ଉନ୍ମୋଚନ୍ ଉତ୍‌ରୁ ଛତିଶ୍‌ଗଡ୍‌ର ରାୟପୁର୍‌କେ ଯିବେ । ରାଷ୍ଟ୍ରପତି ଆଏବା ୨୩ ତାରିଖ୍ ସଖାଲେ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ବାଙ୍ଗିରିପୋଷି ହେଲିପେଡ଼୍ ନ ଉତ୍‌ରିବେ ।

ରାଷ୍ଟ୍ରପତିଙ୍କର୍ ଗସ୍ତ ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ ।

ନୂଆଁ ଗ୍ରୀଡ୍ ସବ୍‌ଷ୍ଟେସନ୍- ଉପମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଇହାଦେ ରାଏଜେ ନିର୍ମାଣ ଚାଲିଥିବା ୨୦ ନୁ ଅଏତ୍କା ଗ୍ରୀଡ୍ ସବ୍ଷ୍ଟେସନ୍ ଭିତ୍ରୁ ୧୧ ଟା ଗ୍ରୀଡ୍ ଖୋବ୍ ଜଲ୍ଦି କାର୍ଯ୍ୟକ୍ଷମ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ବୈଠକ୍ନୁ ଜନାପଡ଼ିଛେ । ଟିଟିଲାଗଡ୍ ଠାନେ ୧୩୨/୩୩ କେଭି ଆର୍ ଖଣ୍ଡପଡ଼ା ଠାନେ ୨୨୦/୩୩ କେଭି ଗ୍ରୀଡ୍ ସବ୍ଷ୍ଟେସନ୍ ଥାପ୍ନା ବାବ୍ଦେ ବିଧାୟକ୍ ନବୀନ୍ କୁମାର୍ ଜୈନ୍ ଆର୍ ଦୁଷ୍ମନ୍ତ କୁମାର୍ ସ୍ୱାଇଁ ପ୍ରସ୍ତାବ୍ ଦେଇଥିଲେ । ଉଚ୍ଚ କ୍ଷମତାର୍ ଗ୍ରୀଡ୍ ସବ୍ଷ୍ଟେସନ୍ ଥାପ୍ନା ହେଲେ ଇ ଦୁହି ଇଲାକାର୍ ଲୁକ୍କର୍ ବିଦ୍ୟୁତ୍ ଅସୁବିଧା ଦୂର୍ ହେବା ବଲି ଦୁହି ବିଧାୟକ୍ କହିଥିଲେ । ହେଲେ ଖଣ୍ଡପଡ଼ା ଆର୍ ଟିଟିଲାଗଡ୍କେ ନିରନ୍ତର୍ ବିଦ୍ୟୁତ୍ ଯୁଗାବାର୍ ଲାଗି ପାଖର୍ ଗ୍ରୀଡ୍କେ ଜୁଡ୍ବାର୍ ବିଷେଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନ୍କର୍ ସହେତେ ଆଲୋଚନା କରିଛନ୍ ।

ପୁରୀ ବିମାନ୍ ବନ୍ଦର୍ ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ନ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍ ଲାଗି ଦର୍କାର୍ ହଉଥିବା ପୁନର୍ବାସ ଆଉ ଥଇଥାନ୍ ଲାଗି ରାଜ୍ୟ ସର୍କାର୍ ଗୁଟେ କମିଟି ଗଠନ୍ କରିଛନ୍ । ପୁରୀ ଜିଲ୍ଲାପାଲ୍ଙ୍କର୍

ଅଧ୍ୟକ୍ଷତାଥି ପୁରୀ ସାଂସଦ୍, ବ୍ରହ୍ମଗିରି ବିଧାୟକ୍, ପରିବହନ୍ ବିଭାଗ୍‌ର ଅତିରିକ୍ତ ସଚିବ, ବିମାନ୍ ବନ୍ଦର୍ ଜମିଗ୍ରହଣ ଅଧିକାରୀ, ୫ନେ କରି ସର୍‌ପଂଚ୍ ଆର୍ ମହିଳା ସଦସ୍ୟ ରହେବେ । ଫି' ୩ ମାସେ କମ୍‌ସେକମ୍ ଥରେ ଇ କମିଟିର୍ ବୈଠକ୍ ବସିକରି ପ୍ରଭାବିତ୍ ଇଲାକାର୍ ଲୁକ୍‌କର୍ ପୁନର୍ବାସ୍ ଆର୍ ଥଇଥାନ୍ ବାବ୍‌ଦେ ଆଲୋଚନା କରାଯିବା ।

ଶ୍ରୀମନ୍ଦିର ଶୁଦ୍ଧ ଘିଅ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରସାଦ୍ ତିଆରି ଆଉ ଦୀପଥି ବେଭାର୍ ଲାଗି ଓମ୍‌ଫେଡ୍ ଘି ବେଭାର୍ କର୍‌ବାର୍‌କେ ପ୍ରଶାସନ୍ ଥିର୍ କରିଛେ । ଇଥିର୍‌ଲାଗି ଯଥେଷ୍ଟ ପରିମାଣ୍‌ର ଓମ୍‌ଫେଡ୍ ଘି' ଶ୍ରୀମନ୍ଦିର୍‌କେ ଯୁଗାବାର୍ ଲାଗି ଗୁଟେ ଡିପୋର ବ୍ୟବସ୍ଥା କର୍‌ବାର୍‌କେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଲୟର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ ଓମ୍‌ଫେଡ୍‌କେ ଚିଠି ଲେଖିଛନ୍ । ଶ୍ରୀମନ୍ଦିର୍‌ର ଆବଶ୍ୟକତାକେ ନଜର୍‌ଥି ରଖିକରି ଗୁଟେ ସ୍ୱତନ୍ତ୍ର ଡିପୋ ଖୁଲ୍‌ବାର୍‌କେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠିଥି ଲେଖାଯାଇଥିବାର୍ ଜନାପଡ଼ିଛେ ।

ଅଗ୍ନିପଥ ନିଯୁକ୍ତି ଶିବିର        ଆର୍‌ଏନ୍‌ୟୁ / ସମ୍ବଲପୁର

ଅଗ୍ନିପଥ ଯୋଜ୍‌ନାଥି ବଛାହେଇଥିବାର୍ ପ୍ରାର୍ଥୀମାନ୍‌କର୍ ଲାଗି ପୁରୀ ଠାନେ ଆଏବା ୧୮ ନୁ ୨୨ ତାରିଖ୍‌ତକ୍ ଗୁଟେ ନିଯୁକ୍ତି ଶିବିର ହେବା । ପୁରୀର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଆର୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ହେବାର୍‌କେ ଥିବାର୍ ଇ ଶିବିର୍‌ଥି ଭିନ୍ ଭିନ୍ ଜିଲ୍ଲାନୁ ଅଗ୍ନିବୀର ଲାଗି ବଛା ହେଇଥିବା ପ୍ରାର୍ଥୀମାନେ ଭାଗ୍ ନେବେ ।

ଅନ୍‌ଲାଇନ୍ ନ ସାଧାରଣ ପ୍ରବେଶିକା ପରୀକ୍ଷାଥି କୃତକାର୍ଯ୍ୟ ହେଇଥିବା ପରୀକ୍ଷାର୍ଥୀଙ୍କର୍ ଶାରିରୀକ ଆଉ ମେଡ଼ିକାଲ୍ ପରୀକ୍ଷା କରାଯିବା । ପଞ୍ଜିକୃତ ଇ-ମେଲ୍ ଆଇ.ଡିଥି ପ୍ରାର୍ଥୀମାନ୍‌କୁ ଏଡ଼୍‌ମିଟ୍ କାର୍ଡ଼ ପଠାଯାଇଛେ ।

କଲ୍‌ରାପତ୍‌ରିଆ ବାଘ୍ ଉଦ୍ଧାର୍        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ସମ୍ବର୍‌ଧରା -ଲଖନ୍‌ପୁର୍ ରାସ୍ତାନୁ ଗଲାକାଏଲ୍ ଗୁଟେ କଲ୍‌ରାପତ୍‌ରିଆ ବାଘ୍‌ର ମଲାଦେହେ ଉଦ୍ଧାର୍ କରାଯାଇଛେ । ଜଙ୍ଗଲ୍ ବିଭାଗ୍‌ର ଅଧିକାରୀମାନେ ଇ କଲ୍‌ରାପତ୍‌ରିଆ ବାଘ୍‌ର ମର୍‌ବାର୍ କାରଣ୍ ଖୁଜାଯିବା ଆର୍

ବ୍ୟବଚ୍ଛେଦ୍ କରାଯିବା ବଲି କହିଛନ୍ । ହେଲେ କେନ୍‌ସି ଅକ୍‌ଲିଆ ଗାଡ଼ିର୍ ଧକ୍କାଥି ଇ କଲ୍‌ରାପତ୍‌ରିଆ ବାଘ୍‌ର ମୃତ୍ୟୁ ହେଇଥିବାର୍ ସନ୍ଦେହ କରାଯାଉଛେ ।

ଏମ୍‌ସିଏଲ୍ ସକ୍ଷମ୍ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ମହାନଦୀ କୋଇଲା କମ୍ପାନୀ - ଏମ୍‌ସିଏଲ୍ ତର୍‌ଫୁ ସକ୍ଷମ୍ ଯୋଜ୍‌ନାଥି ତାର୍ ଖଣି ଇଲାକାର୍ ୨ ଶହ ୮୯ ଝନ୍ କୁଶଳୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଇଛେ । ନିଟ୍‌କନ୍ ଫାଉଣ୍ଡେସନ୍ ତର୍‌ଫୁ ହେଇଥିବା ଦୀକ୍ଷାନ୍ତ ସମାରୋହଥି କମ୍ପାନୀ ତର୍‌ଫୁ ଇ ଛାତ୍ରଛାତ୍ରୀମାନ୍‌କୁ ନିଯୁକ୍ତି ପତ୍ର ଦିଆଯାଇଥିଲା । ସକ୍ଷମ୍ ଯୋଜ୍‌ନାଥି୧ ହଜାର୍ ୧୦ ଯୁବକ / ଯୁବତୀଙ୍କୁ ଦକ୍ଷତା ବିକାଶ୍ ପ୍ରଶିକ୍ଷଣ୍ ଦିଆଯାଉଛେ ।

ଗଜଲକ୍ଷ୍ମୀ ପୂଜା ଆର୍‌ଏନ୍‌ୟୁ / ସମ୍ବଲପୁର

ଢେଙ୍କାନାଲ୍ ନ ଆଏଜ୍‌ଠାନୁ ପ୍ରସିଦ୍ଧ ଗଜଲକ୍ଷ୍ମୀପୂଜା ମୁଲ୍ ହେବା । କଲସ୍ ଯାତ୍ରା, ଆବାହନ୍, ପୂଜା ଉତ୍‌ରୁ ସଞ୍ଜ୍‌ବେଲେ ଉତ୍ସବ୍ ମୁଲ୍ ହେବା । ୧୧ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ପୂଜା ଉତ୍ସବ୍

ଲାଗି ଢେଙ୍କାନାଲ୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ହେନ୍ତା ସମ୍ବଲ୍‌ପୁର୍ ସହରର୍ ମୁଦିପଡ଼ା ଆର୍ ଅଲ୍‌ଗା ଜାଗାମାନ୍‌କେ ଗଜଲକ୍ଷ୍ମୀ ପୂଜାର୍ ଲାଗି ଆଉ କିଛି ସମିଆ ଉତ୍‌ରୁ କଲସ୍ ଶୋଭାଯାତ୍ରା ମୁଲ୍ ହେବା । ଇନ ପୂଜା ସମିଆଥି ସଞ୍ଜ୍‌ବେଳେ ଭଜନ୍ ସମାରୋହର କାର୍ଯ୍ୟକ୍ରମ୍ ରଖାଯାଇଛେ । ଜିଲ୍ଲାର୍ କଦ୍‌ଲୀଗଡ଼୍, ତ୍ରିବଣପୁର, କୁକୁଡ଼ାବାହାଲି, ପନ୍‌କିମାଲ୍, ଗୋଶାଲା ବାଗିର୍ ଭିନ୍ ଭିନ୍ ଜାଗା ନ ଗଜଲକ୍ଷ୍ମୀ ପୂଜା ହେବା ।